# ଡାଇଭରସିଅସ୍ ଓ ପିଏନବି ପକ୍ଷରୁ ଏଚ୍‌ଆର୍ କନ୍‌କ୍ଲେଭ୍

ଭୁବନେଶ୍ୱର : ପରିବର୍ତ୍ତିତ ଦୁନିଆରେ ବ୍ୟବସାୟଗୁଡିକୁ ପ୍ରାସଙ୍ଗିକ ରହିବା ପାଇଁ ନୂତନ ମାନବସମ୍ବଳ ଧାରା ସହ ଜଡିତ ହେବାକୁ ପଡିବ। ଏହି ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ବିଭିନ୍ନ କ୍ଷେତ୍ରର ସଂଗଠନଗୁଡିକ କାର୍ଯ୍ୟକ୍ଷେତ୍ରରେ ଅନ୍ତର୍ଭୁକ୍ତୀକରଣ ଉପରେ ଗୁରୁତ୍ୱ ଦେବା ଉଚିତ। ଡାଇଭରସିଅସ୍ ଓ ପିଏନବି ଫାଉଣ୍ଡେଶନ ପକ୍ଷରୁ ମିଳିତ ଭାବେ ଭୁବନେଶ୍ୱରରେ ଆଜି ଆୟୋଜିତ ଏଚ୍‌ଆର୍ କନ୍‌କ୍ଲେଭ୍ ଆଇକେଏଏଆଇରେ ଯୋଗ ଦେଇଥିବା ବିଶେଷଜ୍ଞ ଓ ବକ୍ତାମାନେ କର୍ପୋରେଟ୍ ଦୁନିଆକୁ ଅଧିକ ଅନ୍ତର୍ଭୁକ୍ତୀକରଣ କରିବା ପାଇଁ କାର୍ଯ୍ୟକ୍ଷେତ୍ରରେ ବିବିଧତାର ଆହ୍ୱାନ ଦେଇଛନ୍ତି। ସେମାନେ ସଂସ୍ଥାଗୁଡିକୁ ଅଧିକ ମଜଭୁତ ଓ ପ୍ରଭାବୀ କାର୍ଯ୍ୟକ୍ଷେତ୍ର ନିର୍ମାଣ କରିବାରେ ସାହାଯ୍ୟ କରିବା ପଇଁ ପ୍ରଭାବୀ ଶ୍ରମଶକ୍ତି ଅଭ୍ୟାସ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ସମ୍ମିଳନୀ



ଡାଇଭରସିଅପର ପ୍ରତିଷ୍ଠାତା, ଅର୍ଚ୍ଚନା ମିଶ୍ରଙ୍କ ସ୍ୱାଗତ ସମ୍ବୋଧନ ସହିତ ଆରମ୍ଭ ହୋଇଥିଲା। ଡାଇଭରସିଅସ୍ ହେଉଛି ଏକ ଷ୍ଟାର୍ଟଅପ୍ ଯାହା ଏକ ଦକ୍ଷ, ବହୁମୂଖୀ, ସମାନ ଓ ସମାବେଶୀ (ଡିଇଆଇ) କାର୍ଯ୍ୟକ୍ଷେତ୍ର ଚାହୁଁଥିବା ସଂସ୍ଥାଗୁଡିକର ଆକାଂକ୍ଷିତ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଉତ୍ସାହର ସହ କାର୍ଯ୍ୟ କରିଥାଏ। ନିଜ ସମ୍ବୋଧନରେ ଅର୍ଚ୍ଚନା ମିଶ୍ର କହିଛନ୍ତିଯେ, 'ଅନେକ ସଂସ୍ଥା ନିଯୁକ୍ତି ପାଇଁ ପ୍ରସ୍ତୁତ ଥିଲେ କିନ୍ତୁ ଦକ୍ଷ ପ୍ରାର୍ଥୀମାନଙ୍କର ବହୁମୁଖୀ ଶୃଙ୍ଖଳାକୁ ସନ୍ଧାନ କରିବା କଷ୍ଟକର ଥିଲା। ଡାଇଭରସିଅସ୍ ସୋସାଇଟି ଏହି ଅନ୍ତରକୁ ଦୂର କରିବା ପାଇଁ ପ୍ରାର୍ଥୀମାନଙ୍କୁ ଚୟନ କରିବା ଆରମ୍ଭ କରିଥିଲା। ଏହି ଯାତ୍ରାରେ ଡାଇଭରସିଅସ୍ ବୁଝିଥିଲା ଯେ, ଏହି ଅନ୍ତରକୁ ଦୂର କରିବା ପାଇଁ ଏହାକୁ ସଚେତନତା ଓ ଦକ୍ଷତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ଏବଂ ତାହା ଏହି ପ୍ଲାଟ୍‌ଫର୍ମ 'ଆଇକେଏଏଆଇ' ଗଠନ କରିବା ପଛର ମୁଖ୍ୟ ପ୍ରେରଣା ଥିଲା।' ଆକ୍ସିସ୍ ଟ୍ରଷ୍ଟି ସର୍ଭିସେସ୍‌ର ଏମ୍‌ଡି ଓ ସିଇଓ, ଦୀପା ରଥ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତିଯେ, 'ଏକ ସଂଗଠନର ଅଭିବୃଦ୍ଧି ପାଇଁ ଡିଇଆଇର ଅନୁପାଳନ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏକ ସଂଗଠନର ଲିଡରମାନେ ଏହାର ବ୍ୟବସ୍ଥା କରିବା ଉଚିତ ଏବଂ ଅନ୍ତର୍ଭୁକ୍ତୀକରଣକୁ କାର୍ଯ୍ୟକାରୀ କରିବା ପାଇଁ ସହକର୍ମୀଙ୍କୁ ସାହାଯ୍ୟ କରିବା ଉଚିତ। ବିଭିନ୍ନ ସ୍ତରରେ ଡିଇଆଇକୁ କାର୍ଯ୍ୟକାରୀ କରିବା ବ୍ୟତୀତ, ସେବି ଏଲ୍‌ଓଡିଆର୍ ନିର୍ଦ୍ଦେଶାବଳୀ କହୁଛି ଯେ, ଏକ ତାଲିକାଭୁକ୍ତ କମ୍ପାନୀର ପ୍ରତ୍ୟେକ ବୋର୍ଡରେ ମହିଳା ନିର୍ଦ୍ଦେଶକମାନଙ୍କ ପ୍ରତିନିଧି ରହିବା ଉଚିତ। ତେଣୁ ଏକ ସଂସ୍ଥାରେ ଜଣେ ଏଚ୍‌ଆର୍‌ଙ୍କ ଭୂମିକା ସଠିକ୍ ପ୍ରତିଭାଙ୍କୁ ନିଯୁକ୍ତି ଦେବା, ଦକ୍ଷତାର ବିକାଶ କରିବା ଓ ଦକ୍ଷ କର୍ମଚାରୀଙ୍କୁ ବଜାୟ ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ।' ଏହି ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ସମିଟ୍ ଡିଜିଟେଲ୍‌ର ସିଏଚ୍‌ଆରଓ, ରେଣୁକା ଗୌଡ କହିଛନ୍ତିଯେ, 'ଡିଇଆଇକୁ କେବଳ ଶୀର୍ଷ ପରିଚାଳନା ସ୍ତରରେ ନୁହେଁ ବରଂ ବହୁସଂଖ୍ୟକ ଲୋକ ସମସ୍ତ ସ୍ତରରେ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଆମକୁ ପ୍ରତିଭା କ୍ଷେତ୍ରରେ ବିବିଧତା ଆଣିବାକୁ ପଡିବ; କାର୍ଯ୍ୟକ୍ଷେତ୍ରରେ ସମଜାତୀୟ ହେବା ଅଗ୍ରଗତିରେ ସାହାଯ୍ୟ କରିବ ନାହିଁ।' ସେହିପରି ପ୍ରିଲ୍ୟୁଡ୍ ନୋବେଲ୍ ଭେଂଚର୍ସର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ, ସତ୍ୟବ୍ରତ ସାନୁ ରଥ କହିଛନ୍ତିଯେ, 'ଆମେ ଆଗକୁ ବଢିବା ସହିତ ଆମର ସଂଗଠନ ଓ ସମୁଦାୟଗୁଡିକ ଯେପରି ଆମ ସମାଜର ସମୃଦ୍ଧ ଛବିକୁ ପ୍ରତିଫଳନ କରିବେ, ଆମକୁ ତାହା ସୁନିଶ୍ଚିତ କରିବାକୁ ହେବ। ଆମକୁ ସମସ୍ତଙ୍କ ପାଇଁ ଏକ ଉତମ ଭବିଷ୍ୟତ ନିର୍ମାଣ କରିବା ଲାଗି ବିଭିନ୍ନ ଦୃଷ୍ଟିକୋଣ, ବିଚାର ଓ ଅନୁଭୂତିଗୁଡିକୁ ଗ୍ରହଣ କରିବାକୁ ପଡିବ।